OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ପ୍ରକଳ୍ପ ସୂଚନାପତ୍ର

ଭାଗ – ୫/ସଂସ୍କରଣ – ୨ ଅପ୍ରେଲ-ଜୁନ, ୨୦୧୧

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ



### ଓଏଫଏସଡିପି ସୂଚନା ପତ୍ରର

ଏହି ନୂତନ ସଂସ୍କରଣ ସହ ଆପଣମାନଙ୍କୁ

**ଶୁଭେଚ୍ଛା**

ଏପ୍ରିଲ-ଜୁନରେ ପ୍ରସ୍ତୁତି କାର୍ଯ୍ୟରୁ ଆସି ଏବେ ଆମେ ଚାରା ରୋପଣ ତଥା ବର୍ଷା ଋତୁରେ ପହଞ୍ଚିଛେ ଓ ଖୁବଶୀଘ୍ର ପାର୍ବଣ ଋତୁରେ ପହଞ୍ଚିବା। ମୁଁ ଆଶା କରୁଛି, ଆମ କ୍ଷେତ୍ରର ଅଧିକାରୀମାନେ ତଥା ଭିଏସଏସଗୁଡ଼ିକ ଯେଉଁ ଅନୁସାରେ ଯୋଜନା ଓ ପ୍ରସ୍ତୁତି କରିଥିଲେ ସେହି ଲକ୍ଷ୍ୟ ପୂରଣ କରିଥିବେ।

ପ୍ରକଳ୍ପ ପକ୍ଷରୁ ୨୦୦୮-୦୯ ବର୍ଷରୁ ଚାଲି ଆସୁଥିବା ଉଭୟ ଯୁଗ୍ମ ବନ ପରିଚାଳନା ଓ ଅଣଯୁଗ୍ମ ବନ ପରିଚାଳନା ଧାରାରେ ଲକ୍ଷ୍ୟ ଧାର୍ଯ୍ୟ ପତିତ ଜଙ୍ଗଲର ପୁନରୁଦ୍ଧାର ପାଇଁ ଚାଲୁଥିବା କାର୍ଯ୍ୟକ୍ରମ ୨୦୧୧ ବର୍ଷରେ ଶେଷ ହେବ। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବଧି ଦୁଇ ବର୍ଷ ବୃଦ୍ଧି କରିବା ପ୍ରସଙ୍ଗ ଶେଷ ପର୍ଯ୍ୟାୟରେ ରହିଛି। ଜାଇକା ପାଖରେ ରହିଥିବା ନିଷ୍ପତ୍ତି ଅନୁସାରେ ଜଙ୍ଗଲ କାର୍ଯ୍ୟକ୍ରମ ଆଉ ଗୋଟିଏ ବର୍ଷ ବଢ଼ିପାରେ ଅର୍ଥାତ ତାହା ୨୦୧୨ରେ ଶେଷ ହେବ। ଏକାସମୟରେ ପ୍ରାରମ୍ଭରୁ ଚାଲି ଆସିଥିବା କାର୍ଯ୍ୟକ୍ରମଗୁଡ଼ିକର ଏକତ୍ରୀକରଣ କରିବା ଦିଗରେ ପ୍ରକଳ୍ପ ଆଗଉଛି। ବହୁ ପରାମର୍ଶ ସହ ଏ ଦିଗରେ ବହୁ ସଂଖ୍ୟକ କାର୍ଯ୍ୟକ୍ରମ ଏକତ୍ର କରାଯିବାର ଯୋଜନା କରାଯାଇଛି। ସଂକ୍ଷେପରେ ସେଗୁଡ଼ିକ ଏହିପରିଭାବେ କୁହାଯାଇପାରେ:

- ଜଙ୍ଗଲ ପରିଚାଳନା ଓ ଜୈବ ବିବିଧତା ପରିଚାଳନା ପାଇଁ ଚାରିଟିଯାକ ଦଫାରେ ପ୍ରଚଳିତ କାର୍ଯ୍ୟକୁ ଦୃଢ଼ୀଭୂତ କରିବା।
- ଯେଉଁ ଲୋକମାନେ ପ୍ରକଳ୍ପ ସହ ଜଡ଼ିତ ଅଛନ୍ତି ସେମାନଙ୍କ ଜୀବିକା ନିର୍ବାହ ମାନ ବୃଦ୍ଧି ତଥା ଗ୍ରାମରେ ସୃଷ୍ଟି ହୋଇଥିବା ସମ୍ପଦର ପ୍ରତିପାଳନ ଉପରେ ଦୃଷ୍ଟିନିବଦ୍ଧ କରିବା ଆଦି ଆଗାମୀ କିଛି ବର୍ଷ ମଧ୍ୟରେ ଶେଷ ହେବ।
- ଓଏଫଏସଡିପି ଦ୍ୱାରା ବନ ସଂରକ୍ଷଣ ସମିତିସ୍ତରରେ ପ୍ରଦତ୍ତ ବିକାଶ ପାଇଁ ଏକାଭିମୁଖୀକରଣ କାର୍ଯ୍ୟକ୍ରମ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅଧିକ ଯୋଜନାବଦ୍ଧ ଓ ସଙ୍ଗଠିତଭାବେ ଲାଗୁ କରାଯିବ।

ପ୍ରକଳ୍ପର ବହୁ ଅଂଶୀଦାର, ସେମାନଙ୍କ ଉତ୍ପାଦ, ଗୋଷ୍ଠୀ ସହ କାମ କରିବା ଦ୍ୱାରା ପ୍ରାପ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା, ଆଗାମୀ ୨୦୧୧ ନଭେମ୍ବର ୨୨-୨୫ ଯାଏଁ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା 'ଇଣ୍ଡିଆନ ଫରେଷ୍ଟ କଂଗ୍ରେସ'ରେ ପ୍ରଦର୍ଶିତ ହେବ। ଆନ୍ତର୍ଜାତିକ ଜଙ୍ଗଲ ବର୍ଷ-୨୦୧୧ ଅବସରରେ ଏହି କଂଗ୍ରେସ ଭାରତ ସରକାର ଓ ଆଇସିଏଫଆରଇ ଦ୍ୱାରା ଆୟୋଜିତ ହେଉଛି। ସେଥିରେ ଅଂଶଗ୍ରହଣ କରିବା ସହ ନିଜ ଉତ୍ପାଦ ପ୍ରଦର୍ଶନ ଓ ଅଭିଜ୍ଞତା ହାସଲ ପାଇଁ ନିଜକୁ ପ୍ରସ୍ତୁତ କରିନେବାକୁ ମୁଁ ମନୋନୀତ ଅଂଶଗ୍ରହଣକାରୀଙ୍କୁ ଆହ୍ୱାନ କରୁଛି। ସୂଚନାପତ୍ରର ଏହି ସଂଖ୍ୟାରେ, କ୍ଷେତ୍ରସ୍ତରର ଜୀବିକା ନିର୍ବାହ ବିକାଶ ଓ ଗୋଷ୍ଠୀ ବିକାଶର ବହୁ ଅଭିଜ୍ଞତା ବର୍ଣ୍ଣନା କରାଯାଇଛି। ପାଠକମାନଙ୍କୁ ତାହା ନିଶ୍ଚୟ ଉତ୍ସାହ ପ୍ରଦାନ କରିବ।

ଗୋଷ୍ଠୀ ସହ ମିଶି ପ୍ରକଳ୍ପର ସେବା ପ୍ରଦାନ, ସ୍ୱଚ୍ଛତା ଆଣିବା ତଥା ଜଙ୍ଗଲ ଓ ଜୈବ ବିବିଧତା ପରିଚାଳନା ଉପରେ ସୂଚନା ପ୍ରଦାନ କରିବାରେ ସଫଳ ହୋଇଥିବା ଅଂଶଗ୍ରହଣକାରୀମାନେ ସେମାନଙ୍କ ସମସ୍ତ ଉଦ୍ୟମ କରି ଆମର ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବେ। ଏଥିସହ ଉତ୍ପାଦନ, ସଂରକ୍ଷଣ ଓ ସାମାଜିକ-ଅର୍ଥନୈତିକ ବିକାଶ ସୁସଙ୍ଗଠିତ କରିବା ସହ ଅଣୁ ଯୋଜନା ଜରିଆରେ ଜଙ୍ଗଲର ଥିବା ଅର୍ଥନୈତିକ ଦକ୍ଷତାକୁ ଯତ୍ନର ସହ ଉପଯୋଗ କରିବା ପାଇଁ ମୁଁ ଆହ୍ୱାନ ଦେଉଛି।

ବିନୋଦ କୁମାର
ପ୍ରକଳ୍ପ ନିର୍ଦ୍ଦେଶକ



## ମା' ମାରକମା ତେନ୍ତୁଳି ଗୋଷ୍ଠୀ, ସଉରାଗୁଡ଼ା

ରାୟଗଡ଼ା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ମୁନିଗୁଡ଼ା କ୍ଷେତ୍ର ପରିଚାଳନା କେନ୍ଦ୍ରର ଗ୍ରାମଗୁଡ଼ିକରେ ବହୁ ପରିମାଣରେ ତେନ୍ତୁଳି ମିଳେ। ପ୍ରାକୃତିକଭାବେ ମିଳୁଥିବା ଏହି ସୁଯୋଗକୁ ଲୋକଙ୍କ ଜୀବିକା ନିର୍ବାହ ମାନର ବିକାଶ ପାଇଁ ବ୍ୟବହାର କରିବାକୁ ପ୍ରକଳ୍ପ ଉଦ୍ୟମ କଲା। ସମ୍ପୃକ୍ତ ଅଞ୍ଚଳରେ ଥିବା ବନ ସଂରକ୍ଷଣ ସମିତିଗୁଡ଼ିକର ବହୁବାର ବୈଠକ କରାଇବା ପରେ ମା' ମାରକମା ତେନ୍ତୁଳି କ୍ଲଷ୍ଟର (ଗୋଷ୍ଠୀ), ସଉରାଗୁଡ଼ା ଗଠିତ ହେଲା। ସଉରାଗୁଡ଼ା, କାଳିପଙ୍ଗା, ଗୋଇଲିକୋଣା, ପୁରୁଣାପାଣି, କର୍ଣ୍ଣଗୁଡ଼ା, ଶଙ୍କୁପାଡ଼ି, ସିକାବାଡ଼ି ଓ ଡମ୍ବକୁପା ଭିଏସଏସଗୁଡ଼ିକ ଏଥିରେ ସାମିଲ ହେଲେ। ଏହି ଗ୍ରାମଗୁଡ଼ିକର ଅଧିବାସୀ ଜଙ୍ଗଲରୁ ତେନ୍ତୁଳି, ଶିଆଳି ପତ୍ର, ଆମ୍ବ, କଣ୍ଟେଇ କୋଳି ଓ ଭାଲିଆ ସଂଗ୍ରହ କରନ୍ତି। ଏହା ସେମାନଙ୍କୁ ୬ରୁ ୮ ମାସ ଚଳିବା ପାଇଁ ଅର୍ଥ ଯୋଗାଏ। ତେନ୍ତୁଳି ବ୍ୟବସାୟ ପାଇଁ ପ୍ରସ୍ତୁତ ଯୋଜନା ଓ ସମ୍ପୃକ୍ତ ଭିଏସଏସଗୁଡ଼ିକ ଦ୍ୱାରା ଅନୁମୋଦିତ ହେଲା। ଶେଷରେ ସାତୋଟି ଭିଏସଏସର ୮ଟି ଏସଏଚଜି ମୋଟ ୨,୩୦,୦୦୦ ଟଙ୍କା ଋଣ ନେଇ ଏଥିରେ ଭାଗ ନେଲେ। ମିଳିତଭାବେ ସେମାନେ ୬୭ କୁଇଣ୍ଟାଲ ତେନ୍ତୁଳି କୁଇଣ୍ଟାଲ ପ୍ରତି ୨୦୦୦ ଟଙ୍କା ଦରରେ କିଣିଲେ। ଏହି ତେନ୍ତୁଳିରୁ ଚୋପା ଛଡ଼ାଇ ସେମାନେ ବିଷମକଟକର ଜଣେ ବେପାରୀଙ୍କୁ କୁଇଣ୍ଟାଲ ପ୍ରତି ୨୪୦୦ ଟଙ୍କା ଦରରେ ବିକ୍ରି କଲେ। ୨୨୭୦ ଟଙ୍କାର ଖର୍ଚ୍ଚକୁ ଛାଡ଼ିବା ପରେ ସେମାନେ ୨୪୫୩୦ ଟଙ୍କା ଲାଭ ପାଇଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଏବେ ଆତ୍ମବିଶ୍ୱାସୀ ହେବା ସହ ଏହି ବ୍ୟବସାୟ ବଢ଼େଇବାକୁ ଲକ୍ଷ୍ୟ ରଖିଛନ୍ତି। ଟଙ୍କା କରଜ ଦେଉଥିବା ସ୍ଥାନୀୟ ମହାଜନ ଓ ବେପାରୀମାନେ ଯେଉଁମାନେ କି ପୂର୍ବରୁ ଏହି ଗୋଷ୍ଠୀ ବ୍ୟବସ୍ଥାକୁ ବିରୋଧ କରୁଥିଲେ ଏବେ ଚୁପ ରହିଛନ୍ତି।



**ସନ୍ତୋଷ ପ୍ରସାଦ ମାଣ୍ଡି,** ୟୁଏଲସିଏମ, ମୁନିଗୁଡ଼ା




## ...ଏସଏଚଜି ପାଇଁ ଭଲ ଲାଭ ଆଣିଦେଲା

କେନ୍ଦୁଝର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅଞ୍ଚଳରେ ଅଧିକାଂଶ ଆଦିବାସୀ ତଥା ଅନ୍ୟ ସମ୍ପ୍ରଦାୟ ଲୋକେ ବତକ ମାଂସ ଓ ଅଣ୍ଡାକୁ ଭଲପାଆନ୍ତି। ବତକଗୁଡିକ କଷ୍ଟସହିଷ୍ଣୁ ଓ ସେମାନଙ୍କୁ ସହଜରେ ପାଳନ କରିହେଉଥିବାବେଳେ ରୋଗ କମ୍ ହୁଏ। ଏହିସବୁ କାରଣରୁ ପାଟଣା କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବୃନ୍ଦାବନପୁର ବନ ସଂରକ୍ଷଣ ସମିତି ଅନ୍ତର୍ଗତ ମା’ କାଳିକା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ବ୍ୟବସାୟ କରିବାକୁ ସୁଯୋଗ ପ୍ରଦାନ କରାଗଲା।



ଏକ ଉପଯୁକ୍ତ ବ୍ୟବସାୟ ଯୋଜନା ସହ ଗୋଷ୍ଠୀ ଭିଏସଏସ ଆବର୍ତ୍ତନ ପାଣ୍ଠିରୁ ବତକ ଚାଷ ପାଇଁ ୧୫,୦୦୦ ଟଙ୍କା ଋଣ ନେଲା। ସେମାନେ ୧୫୦ଟି ବତକ ଛୁଆ ୭୦୦୦ ଟଙ୍କା ଦେଇ କିଣିବା ପରେ ୩୦୦୦ ଟଙ୍କା ବ୍ୟୟରେ ସେମାନଙ୍କ ରହିବା ପାଇଁ ଏକ ବସା ତିଆରି କଲେ ଓ ୫୦୦୦ ଟଙ୍କା ସେମାନଙ୍କ ଦାନା ତଥା ଔଷଧ ପାଇଁ ଖର୍ଚ୍ଚ କଲେ। ମାତ୍ର ଛଅ ମାସ ପରେ ସେମାନେ ୧୧୦ଟି ବତକ ଗୋଟିକୁ ୨୫୦ ଟଙ୍କା ହିସାବରେ ବିକି ମୋଟ ୨୭,୫୦୦ ଟଙ୍କା ପାଇବା ସହ ଭଲ ଲାଭ ମଧ୍ୟ ପାଇପାରିଲେ। ରାଜି ହୋଇଥିବା ସୁଧ ସମେତ ସେମାନେ ମୋଟ ୫୪୦୦ ଟଙ୍କା ଭିଏସଏସକୁ ପରିଶୋଧ କଲେ। ବତକ ବାର୍ଷିକ ୯୦ରୁ ୧୦୦ ଅଣ୍ଡା ଦିଏ। ବତକ ଅଣ୍ଡା ଗୋଟିକୁ ୫ ଟଙ୍କା ହିସାବରେ ବିକ୍ରି ହୁଏ। ଏବେ ସେମାନେ ସେହି ସମାନ ବ୍ୟବସାୟ ପାଇଁ ଏପ୍ରିଲ ୨୦୧୧ରେ ଦ୍ୱିତୀୟ ବାର ଋଣ ନେଇଛନ୍ତି। ଏହି ଗୋଷ୍ଠୀ ବ୍ୟବସାୟର କାଇଦା ଜାଣିପାରିଛି ଓ ସେମାନଙ୍କ ଜଙ୍ଗଲ ପାଖ ଗାଁରେ ଉପଲବ୍ଧ ସମ୍ପଦ ଜରିଆରେ ଆଗାମୀ ଦିନରେ ଅଧିକରୁ ଅଧିକ ଆୟ କରିବାକୁ ଲକ୍ଷ୍ୟ ରଖିଛି।

**ସନ୍ଦୀପ ପଟ୍ଟନାୟକ**
କାର୍ଯ୍ୟକ୍ରମ ପରିଚାଳକ, ବିଶ୍ୱ



# ବିକଳ୍ପ ଆୟ ପାଇଁ ମୁଳଦୁଆ ପଡିଲା

ପାରଳାଖେମୁଣ୍ଡି ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଚନ୍ଦ୍ରଗିରି କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଏକ ଛୋଟ ଗାଁ ହେଉଛି କେରାଖାଲ। ଗାଁରେ ମୋଟ ୪୮ଟି ପରିବାର ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତି ଗରିବ ଓ ଅଶିକ୍ଷିତ। ଚାଷ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉତ୍ପାଦନ ବିନା ସେମାନଙ୍କର ଅନ୍ୟ କୌଣସି ଆୟ ନ ଥିଲା। ୨୦୦୯-୧୦ ବର୍ଷରେ ଓଏଫଏସଡିପି ଏହି ଗ୍ରାମରେ ତିନୋଟି ସ୍ୱଂୟ ସହାୟକ ଗୋଷ୍ଠୀକୁ ବିକଶିତ କରାଇଲା। ସେଗୁଡିକ ହେଲେ ମା’ ମଙ୍ଗଳା, ମା’ ଦୁର୍ଗା ଓ ମା’ ବିରଜା ଏସଏଚଜି। ମା’ ମଙ୍ଗଳାର ସମସ୍ତ ୧୩ଜଣଯାକ ସଭ୍ୟ ମାସିକ ଜଣକା ୨୦ ଟଙ୍କା ଲେଖାଏଁ ସଞ୍ଚୟ କରିବାକୁ ରାଜି ହେଲେ।

ୟୁନିଟସ୍ତରୀୟ କ୍ଲଷ୍ଟର ମ୍ୟାନେଜର(ୟୁଏଲସିଏମ) ଆକଳନ କଲେ ଯେ ସେଠାରେ ଇଟା ତିଆରି କରାଯାଇପାରିବ ଓ ଗୋଷ୍ଠୀଙ୍କୁ ସେଥିପାଇଁ ମନାଇପାରିଲେ। ୩୦,୦୦୦ ଟଙ୍କା ମୂଲ୍ୟର ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା ଓ ୨୫,୦୦୦ ଟଙ୍କା ଋଣ ପାଇଁ ଏସଏଚଜି ଭିଏସଏସକୁ ଆବେଦନ କଲା। ବଳକା ୫୦୦୦ ଟଙ୍କା ଏସଏଚଜି ସଭ୍ୟାମାନେ ନିଜେ ମିଶାଇବାକୁ ଚାହିଁଲେ।

ସେମାନେ ୨୦୦୦ ଟଙ୍କାର ଉପକରଣ କିଣିଲେ, ୮୦୦୦ଟଙ୍କାର କଞ୍ଚାମାଲ କିଣିଲେ ଓ ୫୦୦୦ ଟଙ୍କା ସ୍ଥାନର ଭଡା ବାବଦକୁ ପ୍ରଦାନ କଲେ। ଶ୍ରମିକ ଓ ଶ୍ରମିକଙ୍କ ଖାଇବା ଖର୍ଚ୍ଚ ବାବଦରେ ସେମାନେ ୧୫୦୦୦ ଟଙ୍କା ଖର୍ଚ୍ଚ କଲେ। ସେମାନେ ୪୦୦୦୦ ଇଟା ପ୍ରସ୍ତୁତ କରିଥିଲେ, ମାତ୍ର ପ୍ରବଳ ବର୍ଷାରେ ୧୦୦୦୦ ଇଟା ନଷ୍ଟ ହୋଇଗଲା। ତେଣୁ ସେମାନେ କେବଳ ୩୦୦୦୦ ଇଟା ବିକିବାକୁ ସକ୍ଷମ ହେଲେ। ପ୍ରତି ଇଟାକୁ ସେମାନେ ୨ଟଙ୍କା ଦରରେ ବିକ୍ରି କଲେ। ମାତ୍ର କିଛି ମାସ ମଧ୍ୟରେ ସେମାନେ ୩୦୦୦୦ ଟଙ୍କା ଲାଭ କରିବାରେ ସଫଳ ହେଲେ। ଏବେ ଏହି ଏସଏଚଜି ସେମାନଙ୍କ ଆୟ ବଢାଇବାକୁ ଭିନ୍ନ ଭିନ୍ନ ପ୍ରକାରର ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରିବାକୁ ଯୋଜନା କରୁଛି।

**ସୁବାସ ନାୟକ**
ୟୁଏଲସିଏମ, ଚନ୍ଦ୍ରଗିରି





# ସୌରଚାଳିତ ଆଲୋକ

## ଚୁଡାଖାଇ ଭିଏସଏସ ପାଇଁ ଆଶାର ଆଲୋକ

ବଣାଇ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା କସଡା ଗ୍ରାମର ଏକ ଛୋଟ ପଡା ହେଉଛି ଚୁଡାଖାଇ । ପଡାର ୩୦ ଘର ମଧ୍ୟରୁ ଅଧିକାଂଶ ମଜୁରୀ ଲାଗି ଓ ସୂତା ବୁଣି ଜୀବିକା ନିର୍ବାହ କରନ୍ତି । ଗ୍ରାମର ଭୌଗୋଳିକ ସ୍ଥିତି ଯୋଗୁଁ ମାର୍ଚ୍ଚ ୨୦୧୦ ଯାଏଁ ସେମାନେ ଗ୍ରାମକୁ ବିଦ୍ୟୁତ ସଂଯୋଗ ଆଣିବାରେ ବିଫଳ ହୋଇଥିଲେ, ଯଦିଓ ସେମାନଙ୍କର ବିଦ୍ୟୁତ ବ୍ୟବହାର ପାଇଁ ପ୍ରବଳ ଇଚ୍ଛା ଥିଲା ।

୨୦୦୯-୧୦ ବର୍ଷରେ ଏହି ଗ୍ରାମରେ ଓଏଫଏସଡିପି କାର୍ଯ୍ୟକ୍ରମ ଆରମ୍ଭ ହେଲା । ଜଙ୍ଗଲ ସଂକ୍ରାନ୍ତ ସମସ୍ୟା ବ୍ୟତୀତ ବିଦ୍ୟୁତିକରଣ ଗ୍ରାମବାସୀଙ୍କର ଏକ ମୁଖ୍ୟ ଦାବି ରହିଲା । ସଭ୍ୟ ସଚିବ ଶ୍ରୀ ବିଜୟ ପ୍ରଧାନ ଏହି ଦାୟିତ୍ୱ ନେଇ ଓରେଡାର ବଣାଇସ୍ଥିତ କାର୍ଯ୍ୟାଳୟରେ ଯୋଗାଯୋଗ କଲେ । ଓରେଡା ଓ ଗ୍ରାମବାସୀଙ୍କ ମଧ୍ୟରେ ବହୁବାର ଆଲୋଚନା ହେଲା । ଶେଷରେ ଏକ ବ୍ୟବହାରକାରୀ କମିଟି ଗଠନ କରାଗଲା ଓ ନିଷ୍ପତ୍ତି ଅନୁସାରେ ପ୍ରତି ପରିବାର ସୌରଚାଳିତ ଆଲୋକ ବ୍ୟବସ୍ଥା ସଂଯୋଗ ପାଇଁ ୨୦ ଟଙ୍କା ଲେଖାଏଁ ପ୍ରଦାନ କଲେ । ତା ବଦଳରେ ସେମାନେ ଦୁଇଟି ଲାଇଟ୍, ଗୋଟିଏ ସୌରଚାଳିତ ପ୍ୟାନେଲ ଓ ଗୋଟିଏ ବ୍ୟାଟେରୀ ଓରେଡାରୁ ପାଇଲେ । ଏ ସମସ୍ତ ବ୍ୟବସ୍ଥା ମାର୍ଚ୍ଚ ୨୦୧୦ରେ କରାଗଲା । ଓଏଫଏସଡିପିର ଏହି ପ୍ରୋତ୍ସାହନ ସେମାନଙ୍କ ସ୍ୱପ୍ନ ସାକାର କଲା ବୋଲି ଚୁଡାଖାଇ ଭିଏସଏସର ସଭାପତି ଶ୍ରୀ କନ୍ଦ କିଷାନ କହନ୍ତି । ସେ କହନ୍ତି, "ପୂର୍ବରୁ ଆମେ ଦୈନନ୍ଦିନ କାମ ରାତିରେ କରିବା ପାଇଁ ଅକ୍ଷମ ଥିଲୁ ଏବଂ କିରାସିନି ଉପରେ ନିର୍ଭର କରୁଥିଲୁ, ଯାହାକି କିଛି ପରିବାର ଦ୍ୱାରା କିଣିବା କଷ୍ଟକର ଥିଲା । ଏବେ ଆମ ପିଲାମାନେ ରାତିରେ ପାଠ ପଢିପାରୁଛନ୍ତି, ମହିଳା ଏସଏଚଜି ସଭ୍ୟମାନେ ରାତିରେ ସେମାନଙ୍କ ବୈଠକ କରୁଛନ୍ତି ଓ ଅନ୍ୟ କାର୍ଯ୍ୟ ମଧ୍ୟ କରୁଛନ୍ତି, ଗ୍ରାମର ଛୋଟ ଛୋଟ ଉତ୍ସବ ରାତିବେଳା ଆୟୋଜିତ ହେଉଛି ।" ଗ୍ରାମବାସୀ ଏବେ ସୌରଚାଳିତ ଏହି ଆଲୋକ ବ୍ୟବସ୍ଥାକୁ କିପରି ରକ୍ଷଣାବେକ୍ଷଣ କରାଯିବ ତାହା ଶିଖିଯାଇଛନ୍ତି ଓ ଓଏଫଏସଡିପିର ନିଷ୍ଠାପର ଉଦ୍ୟମ ଯୋଗୁଁ ଗ୍ରାମକୁ ସୌରଚାଳିତ ଆଲୋକ ଆସିଥିବାରୁ ସେମାନେ ପ୍ରକଳ୍ପକୁ ଖୁସିର ସହ ଧନ୍ୟବାଦ ଦେଉଛନ୍ତି । ଏହିପରି ଅନ୍ୟ ଏକ ଏକାଭିମୁଖୀକରଣ କାର୍ଯ୍ୟ ବଣାଇ କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଦୁର୍ଗମ ଅଞ୍ଚଳରେ ଥିବା ଲାମସୀ ନାମକ ଅନ୍ୟ ଏକ ଭିଏସଏସରେ ମଧ୍ୟ କରାଯାଇଛି ।

**ବିଜୟକୁମାର ପ୍ରଧାନ**
ସଭ୍ୟ ସଚିବ, ଚୁଡାଖାଇ ଭିଏସଏସ



# ବିଦ୍ୟୁତିକରଣ ପାଇଁ ଏକାଭିମୁଖୀକରଣ



ଏକାଭିମୁଖୀକରଣ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅନ୍ୟ ଏକ ମୁଖ୍ୟ ଚିନ୍ତାଧାରା । ଯାହାକି ଗୋଷ୍ଠୀର ଦକ୍ଷତା ବୃଦ୍ଧି ଓ ବିକାଶ ପାଇଁ ପ୍ରଯୁଜ୍ୟ ତଥା ସମୟର ଆହ୍ୱାନ ।

ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର, ବୋରିଗୁମ୍ମା କ୍ଷେତ୍ର ପରିଚାଳନା କେନ୍ଦ୍ର ଡେଙ୍ଗାପଦର ଗ୍ରାମପଞ୍ଚାୟତର ଏକ ପ୍ରଥମ ଦଫା ଭିଏସଏସ ହେଉଛି ପଖନାଗୁଡା । ଭିଏସଏସ ସଭ୍ୟମାନଙ୍କୁ ସକ୍ରିୟ ସହଯୋଗ ଯୋଗୁଁ ଏହି ଭିଏସଏସକୁ ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ରର ମଡେଲ ଭିଏସଏସ କରିବାକୁ ପ୍ରସ୍ତାବ ଦିଆଯାଇଛି । ପରିସ୍ଥିତି ଅନୁଧ୍ୟାନ ସମୟରେ ପଖନାଗୁଡା ଗ୍ରାମବାସୀ ଗ୍ରାମରେ ବିଦ୍ୟୁତିକରଣ ଅଗ୍ରାଧିକାରଭିତ୍ତିରେ କରିବାକୁ ଦାବି କରିଥିଲେ । ଭିଏସଏସ ସଭାପତି ଶ୍ରୀ ପଦାଲମ ଏହାର ନେତୃତ୍ୱ ନେଲେ ଓ ଏ ସଂକ୍ରାନ୍ତରେ ଏନଟିପିସିକୁ ବିଦ୍ୟୁତିକରଣ ପାଇଁ ଆବେଦନ କରାଗଲା । ପଖନାଗୁଡା ଏକ ପଡାଗ୍ରାମ ହୋଇଥିବାରୁ ପ୍ରସ୍ତାବଟି ଏନଟିପିସି ଦ୍ୱାରା ଖାରଜ ହୋଇଗଲା । କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ ଏହି ସମସ୍ୟାକୁ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କୁ ବୁଝାଇ ତାଙ୍କ ସହାୟତା ଲୋଡିଲେ । ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଏହି ସମସ୍ୟାକୁ କୋରାପୁଟ ଜିଲ୍ଲାପାଳଙ୍କ ନଜରକୁ ଆଣିଲେ । ଜିଲ୍ଲାପାଳ ବିଦ୍ୟୁତ ବିଭାଗକୁ ପଖନାଗୁଡାରେ ବିଦ୍ୟୁତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଲେ । ଭିଏସଏସ ସଭ୍ୟ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଯୋଗୁଁ ବିଦ୍ୟୁତ ବିଭାଗ ମାତ୍ର ତିନି ମାସ ମଧ୍ୟରେ ଗ୍ରାମରେ ବିଦ୍ୟୁତ ସଂଯୋଗ କରିଦେଲେ । ଏବେ ୭୦ଟି ଦାରିଦ୍ର୍ୟ ସୀମାରେଖା (ବିପିଏଲ) ତଳେ ରହିଥିବା ପରିବାର ବିଦ୍ୟୁତ ସଂଯୋଗ ବ୍ୟବହାର କରୁଛନ୍ତି, ଯାହା ଦିନେ ସେମାନଙ୍କ ପାଇଁ ସ୍ୱପ୍ନ ଥିଲା ।

ଏହି ଏକାଭିମୁଖୀକରଣ କାର୍ଯ୍ୟ ଦ୍ୱାରା ଉତ୍ସାହିତ ହୋଇ କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମଧ୍ୟ ସମାନ ଧରଣର ଏକାଭିମୁଖୀକରଣ କାର୍ଯ୍ୟ ମାଙ୍କାଡିତାଲ, ଚିଲାମଣ୍ଡି ଓ ନୂଆଗଡ ଭିଏସଏସରେ କରିବାକୁ ଯୋଜନା କରିଛି ।

**ରମାକାନ୍ତ ମହାନ୍ତି**
ଏଫଏଲଇ, ଜୟପୁର



# ଶିଆଳି ପତ୍ର ବ୍ୟବସାୟ ଦ୍ୱାରା ଆୟ ବୃଦ୍ଧି





ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବାଙ୍କୀ କ୍ଷେତ୍ର ପରିଚାଳନା କେନ୍ଦ୍ରରେ ରହିଛି ଅଙ୍ଗାରପଡା ବନ ସଂରକ୍ଷଣ ସମିତି। ଏହି ଭିଏସଏସ ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଶିଆଳି ପତ୍ର ବ୍ୟବସାୟ କରୁଥିଲେ ମଧ୍ୟ ତାହା ଅସଙ୍ଗଠିତଭାବେ କରୁଥିଲେ। ସେହି ଅଞ୍ଚଳରେ ଶିଆଳି ପତ୍ର ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ ଲକ୍ଷ୍ୟ କରାଗଲା ଯେ ସେମାନେ ଏହି ବ୍ୟବସାୟରୁ ଭଲ ଲାଭ ପାଉନାହାନ୍ତି। ତେଣୁ ଅନ୍ୟ ଛଅଟି ଭିଏସଏସ ସହ ଏହି ଭିଏସଏସକୁ ମଧ୍ୟ ଶିଆଳି ପତ୍ର କ୍ଲଷ୍ଟର (ଗୋଷ୍ଠୀ)ରେ ସାମିଲ କରିବାକୁ ଆୟକାରୀ କାର୍ଯ୍ୟକଳାପ ସହାୟକ ସଂସ୍ଥା ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଗଲା। ୧୪ଟି ଏସଏଚଜିକୁ କ୍ଲଷ୍ଟରରେ ସାମିଲ କରାଗଲା ଓ ସେହି ଅନୁସାରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଗଲା। କ୍ଲଷ୍ଟର ଗଠନ ପରେ ଏହି ଅଞ୍ଚଳରେ ଦୃଢ ପ୍ରୋତ୍ସାହନ କାର୍ଯ୍ୟକ୍ରମ ହାତକୁ ନିଆଗଲା। ନିଜ ଘର ପାଖରୁ ବେପାରୀଙ୍କୁ ସିଧାସଳଖ ପତ୍ର ବିକି ଯେପରି ଅଧିକ ବଜାର ଦର ମିଳିପାରିବ ସେଥିପାଇଁ ପତ୍ରକୁ କିପରି ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବ ସେ ଦିଗରେ ଏସଏଚଜିଗୁଡିକୁ ଶିଖାଗଲା।

ଅଙ୍ଗାରପଡାରେ ଶିଆଳି ପତ୍ର କିଣିବା ପାଇଁ ୨ ଜୁନ୍ ୨୦୧୧ ତାରିଖ ସ୍ଥିର କରାଗଲା। ସେହି ଦିନ ଏସଏଚଜିଗୁଡିକ ଦ୍ୱାରା ବିଭିନ୍ନ ମାଧ୍ୟମରୁ ଶିଆଳି ପତ୍ର କିଣାଯାଇ ସେଠାରେ ଗଚ୍ଛିତ କରାଗଲା। ତିନୋଟି ଭିଏସଏସ ଯଥା ଶିଆଳିକୁଦର, ବଡବାହାଲ ଓ ଅଙ୍ଗାରପଡାର ମା' ନିଭାନି, ଦିବ୍ୟନାରୀ, ଚାନ୍ଦିନୀ, ରଜନୀଗନ୍ଧା, ରଶ୍ମୀ ଓ ସରସ୍ୱତୀ ଏସଏଚଜି ଏଥିରେ ଭାଗ ନେଲେ। ପତ୍ରର ମାନ ଅନୁସାରେ ସେମାନେ ୧୨୦୦ ଟଙ୍କା ଓ ୧୫୦୦ ଟଙ୍କା ପ୍ରତି କୁଇଣ୍ଟାଲ ଦରରେ ୧୯.୫୩ କୁଇଣ୍ଟାଲ ପତ୍ର ସେଦିନ କିଣିଲେ। ଏହି ପତ୍ର କିଣିବାକୁ ଆଇଜିଏଏସଏ ଦଳ ଦ୍ୱାରା ବାରକୋଟର ବନାନୀ ସମବାୟ ସଂସ୍ଥା ସହ ଯୋଗାଯୋଗ କରାଗଲା ଓ ସେମାନେ ଏଥିରେ ଖୁସି ଖୁସି ରାଜି ହୋଇଗଲେ। ୪ ଜୁଲାଇ ୨୦୧୧ରେ ସେହି ଅଙ୍ଗାରପଡା କ୍ଲଷ୍ଟରଠାରେ ଏକ ବିକ୍ରୟ କାର୍ଯ୍ୟକ୍ରମ ଆୟୋଜନ କରାଗଲା। ବନାନୀ ସମବାୟ ସଂସ୍ଥା ଏସଏଚଜିଗୁଡିକଠାରୁ ପତ୍ର ୨୦୦୦ ଟଙ୍କା ପ୍ରତି କୁଇଣ୍ଟାଲ ଦରରେ କିଣିନେଲା। ଏସଏଚଜି ସଭ୍ୟମାନଙ୍କ ପାଇଁ ବାଙ୍କୀ ବଜାରଠାରୁ ଏହି ଦର ବହୁ ଅଧିକ ଥିଲା। ଗୋଟିଏ ମାସ ମଧ୍ୟରେ ଆଇଜିଏଏସଏ ଦଳର ସହାୟତା ଯୋଗୁଁ ଛଅଟି ଏସଏଚଜି ୧୧,୩୪୩ ଟଙ୍କା ଲାଭ କରିପାରିଲେ। ବିକ୍ରି ଶେଷ ହେବା ପରେ ଏସଏଚଜି ସଭ୍ୟମାନେ ବହୁ ଖୁସି ହେବା ସହ ଏହି ବ୍ୟବସାୟ ଆହୁରି ବଡ ଆକାରରେ କରିବାକୁ ଆଗ୍ରହୀ ହୋଇପଡିଛନ୍ତି। ସେମାନେ ମଧ୍ୟ ପତ୍ର ପ୍ଲେଟ ତିଆରି ମେସିନ୍ ବସାଇବାକୁ ସ୍ଥିର କରିଛନ୍ତି, ଯାହାଦ୍ୱାରା ସେମାନେ ପତ୍ର ପ୍ଲେଟ୍ ଓ ଦନା ତିଆରି କରି ଭଲ ଲାଭ ପାଇପାରିବେ ବୋଲି ଆଶା ରଖିଛନ୍ତି।

**ଅଦ୍ୱୈତ କୁମାର ମିଶ୍ର,** ଏଫଏଲଇ, ରାଉରକେଲା

# ଶିଆଳି ପତ୍ର: ଲାଭର ବ୍ୟବସାୟ



ମା' ଖମ୍ବେଶ୍ୱରୀ ଏସଏଚଜି ୨୦୦୩ ମସିହାରେ ୧୩ ଜଣ ସଭ୍ୟଙ୍କୁ ନେଇ ଗଠିତ ହୋଇଥିଲା। ସଞ୍ଚୟ ବ୍ୟତୀତ ସଭ୍ୟମାନେ ଜଙ୍ଗଲରୁ ଶିଆଳି ପତ୍ର ସଂଗ୍ରହ କରି ଦଲାଲଙ୍କ ଜରିଆରେ ବଜାରରେ ବିକ୍ରି କରୁଥିଲେ। ବର୍ଷା ଉପରେ ନିର୍ଭର ଚାଷ ମଧ୍ୟ ଏଠାରେ ମଧ୍ୟମ ଧରଣର ହୁଏ। ଜଳସେଚନ ବ୍ୟବସ୍ଥା ନ ଥିବାବେଳେ କୃଷିଜାତ ଦ୍ରବ୍ୟର ଭଲ ମୂଲ୍ୟ ମିଳୁ ନ ଥିବାରୁ ସେମାନେ ଜଙ୍ଗଲ ଉପରେ ବ୍ୟାପକଭାବେ ନିର୍ଭର କରୁଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକ୍ରମ ଫୁଲବାଣୀ ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ଆରମ୍ଭ ହେଲା ଓ ବିଲବାଡି ଭିଏସଏସର ଏହି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଥମ ଦଫାରେ ସାମିଲ କରାଗଲା।

ଏହି ଅଞ୍ଚଳରେ ଶିଆଳି ପତ୍ର ବ୍ୟାପକ ପରିମାଣରେ ମିଳୁଥିବାରୁ ଏସଏଚଜି ସଭ୍ୟମାନେ ଶିଆଳି ପତ୍ର ପ୍ଲେଟ ତିଆରି କରିବେ ବୋଲି ନିଷ୍ପତ୍ତି ଗହ୍ରଣ କଲେ। ନିଜ ଗାଁ ତଥା ପଡୋଶୀ ଗାଁ ରୁ ସେମାନେ ମିଳିତ ଭାବେ ଶିଆଳି ପତ୍ର କିଣିଲେ। ୨୦୦୦ ଟଙ୍କା ମୂଲ୍ୟର ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା ଓ ଏସଏଚଜି ନିଜ ପାଣ୍ଠିରୁ ଏଥିରେ ୫୦୦ ଟଙ୍କା ମିଶାଇଲା। ଆଇଜିଏଏସଏ ଏସଏଚଜି ସଭ୍ୟମାନଙ୍କୁ ଅଣୁ ଉଦ୍ୟୋଗ ପରିଚାଳନା ତାଲିମ ପ୍ରଦାନ କଲା, ଯାହାଦ୍ୱାରା ଏସଏଚଜି ସଭ୍ୟମାନେ ସିଲାଇ ହୋଇଥିବା ଶିଆଳି ପତ୍ରକୁ କିପରି ପ୍ଲେଟ କରିପାରିବେ ତାହା ଶିଖିଲେ।

ସେମାନେ ସମସ୍ତ ଶିଆଳି ପତ୍ର ପ୍ଲେଟ୍‌କୁ ଏକ ନିର୍ଦ୍ଦିଷ୍ଟ ଆକାର ୧୪ ଇଞ୍ଚରେ ସିଲେଇ କଲେ। ପୂର୍ବରୁ ସେମାନେ ୧୦ରୁ ୧୩ ଇଞ୍ଚ ମଧ୍ୟରେ ଏଗୁଡିକୁ ସିଲେଇ କରୁଥିବାରୁ ବେପାରୀମାନେ ଗୋଟିଏ ଚକିକୁ ୧୦ ଟଙ୍କା ପ୍ରଦାନ କରୁଥିଲେ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ଆକାର ତଥା ପୂର୍ବାପେକ୍ଷା ବଡ ଆକାରର ପତ୍ର ପ୍ଲେଟ ସିଲେଇ କରିଥିବାରୁ ସଭ୍ୟମାନେ ବେପାରୀଙ୍କ ସହ ଦର କଷାକଷି କରିପାରିଲେ ଓ ପୂର୍ବଅପେକ୍ଷା ଭଲ ଦର (୧୩ ଟଙ୍କା ପ୍ରତି ଚକି) ପାଇଲେ। ଏସଏଚଜି ସାମାନ୍ୟଭାବେ ସିଲେଇ ହୋଇଥିବା। ୨୮୨ ଚକି ଶିଆଳି ପତ୍ର ପ୍ଲେଟ ବିକ୍ରି କଲେ। ତେବେ ମୂଲ୍ୟ ସଂଯୋଗ, ନିର୍ଦ୍ଦିଷ୍ଟ ଆକାର ଓ ମିଳିତ ବଜାରୀକରଣ ଦ୍ୱାରା ଏସଏଚଜି, ୩୩୬୬ ଟଙ୍କାର ବିକ୍ରିରୁ ୮୪୬ ଟଙ୍କା ଲାଭ ପାଇପାରିଲା। ଏହାଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ବହୁ ପରିମାଣରେ ବୃଦ୍ଧିପାଇଛି ଓ ସେମାନେ ଆଗକୁ ଏହି ବ୍ୟବସାୟ ବଡ ଆକାରରେ କରିବେ।

**ସବିତା ସୁବୁଦ୍ଧି,** ୟୁଏଲସିଏମ, ମାର୍ଟ

# ଜିଓବାଜିରି ଶିଆଳି ମଣ୍ଡଳ



ଜଙ୍ଗଲ ମଧ୍ୟରେ ଓ ଆଖପାଖରେ ରହୁଥିବା ଲୋକଙ୍କ ଜୀବନରେ ଶିଆଳି ପତ୍ରର ଏକ ପ୍ରମୁଖ ଭୂମିକା ରହିଛି। ବର୍ଷା ଋତୁ(ମଇ-ନଭେମ୍ବର) ମଧ୍ୟରେ ଶିଆଳି ପତ୍ର ଭଲ ବଢେ। ଯେହେତୁ ଏହା ବର୍ଷରେ ନଅ ମାସ ପର୍ଯ୍ୟନ୍ତ ଉପଲବ୍ଧ ହୁଏ ଅତିରିକ୍ତ ଜୀବିକା ନିର୍ବାହ ମାନ ବୃଦ୍ଧି ପାଇଁ ଏହା ଉପରେ ନିର୍ଭରଶୀଳତା ଅତ୍ୟଧିକ ହୋଇଥାଏ। ସବୁଠାରୁ ଭଲ କଥା ହେଲା ସାଧାରଣତଃ ଆଦିବାସୀ ମହିଳାମାନେ ଶିଆଳି ପତ୍ର ସଂଗ୍ରହ ଓ ସାମାନ୍ୟ ସିଲେଇରେ ସମ୍ପୃକ୍ତ ଥାଆନ୍ତି।

ବାଲିଗୁଡା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ସିମନବାଡି କ୍ଷେତ୍ର ପରିଚାଳନା କେନ୍ଦ୍ରରେ ଆୟକାରୀ କାର୍ଯ୍ୟକଳାପ ସହଯୋଗୀ ସଂସ୍ଥା ଜିଓବାଜିରି ଶିଆଳି ମଣ୍ଡଳ ନାମକ ଆଇଜିଏସଏ ଏକ କ୍ଲଷ୍ଟର (ଗୋଷ୍ଠୀ) ଗଠନ କଲା। ପାଞ୍ଚୋଟି ଭିଏସଏସର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ସାମିଲ ହେଲେ। ଗୋଷ୍ଠୀର ସମସ୍ତ ଆବଶ୍ୟକ କାଗଜପତ୍ର କାମ କରିବା ସହ ସମସ୍ତ ଆବଶ୍ୟକତା ଆଇଜିଏସଏ ଦଳ ପୂରଣ କଲା। ବ୍ୟବସାୟ ଯୋଜନା ପ୍ରସ୍ତୁତ ହେଲା ଓ ଭିଏସଏସ, ଏସଏଚଜିଗୁଡିକୁ ଋଣ ପ୍ରଦାନ କଲା। ଏହି ଗୋଷ୍ଠୀ ୨୨୭ ଟଙ୍କା ପ୍ରତି କୁଇଣ୍ଟାଲ ଦରରେ ୪୦୮ କୁଇଣ୍ଟାଲ ଶିଆଳି ପତ୍ର ୯୨,୬୧୬ ଟଙ୍କା ମୂଲ୍ୟ ଦେଇ କିଣିଲା। ପ୍ରକ୍ରିୟାକରଣ ପରେ ସେମାନେ ସେହି ଶିଆଳି ପତ୍ରକୁ ମାତ୍ର ୧୫ ଦିନ ମଧ୍ୟରେ ୧,୧୦,୧୬୦ ଟଙ୍କାରେ ବିକ୍ରି କଲେ ଓ ୧୭,୫୪୪ ଟଙ୍କା ଲାଭ କଲେ।

କୌଶଳ ବୃଦ୍ଧି ତାଲିମ ପାଇବା ପରେ ଏସଏଚଜି ସଭ୍ୟମାନେ ଭଲମାନର ଶିଆଳି ପତ୍ର ପ୍ଲେଟ ତିଆରି କରିବେ ଓ ଭଲ ଲାଭ ପାଇପାରିବେ। ଆୟ ବୃଦ୍ଧି ଯୋଗୁଁ ସଭ୍ୟମାନେ ମିଳିତ ଭାବେ ବଜାରୀକରଣ କରିବା ପାଇଁ ଉତ୍ସାହିତ ହୋଇପଡୁଛନ୍ତି।

# ଆଳୁ ଉପରେ ଗୋଷ୍ଠୀ (କ୍ଲଷ୍ଟର) ଗଠନ

କନ୍ଧମାଳ ଜିଲ୍ଲା ନିଜର ସ୍ୱତନ୍ତ୍ର ଧରଣର ଆଳୁ ପାଇଁ ପ୍ରସିଦ୍ଧିଲାଭ କରିଛି । ଏହି ସ୍ଥାନୀୟ ଆଳୁ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳ ମଧ୍ୟରେ ଭଲ ଉତ୍ପାଦନ ହୁଏ ତାହା ହେଲା ବାଲିଗୁଡା ବନଖଣ୍ଡର କେ.ନୂଆଗାଁ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନ ଅଞ୍ଚଳ । ଏସଏଚଜି ସଭ୍ୟାମାନଙ୍କ ସହ ଆଲୋଚନାବେଳେ ଓ ଭିଏସଏସ ସଭ୍ୟଙ୍କ ଦାବି ଅନୁସାରେ ତଥା ସ୍ଥାନୀୟ ଆଳୁର ସ୍ୱାତନ୍ତ୍ରତାକୁ ଲକ୍ଷ୍ୟ କରି ଉତ୍ପାଦଭିତ୍ତିକ ଗୋଷ୍ଠୀ (କ୍ଲଷ୍ଟର) ମା' ବରାଳ ଦେବୀ ଆଞ୍ଚଳିକ ମହିଳା ଆଳୁ କ୍ଲଷ୍ଟର ଗଠନ କରାଯାଇଥିଲା । କେ.ନୂଆଗାଁ କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଆଠୋଟି ଭିଏସଏସ ଯଥା ଚଞ୍ଚଳାସାହି, ବିଲବାଡି, ମୁଣ୍ଡାସାହି, ଗୁଡସୁଲାଗୁଡା, ଦାଦି, କାଣିବିଡିକା, ଜିରିଡିକିଆ ଓ ଗିଫାପଙ୍ଗା ୧୫ଟି ଏସଏଚଜି ଏହି କ୍ଲଷ୍ଟରରେ ସାମିଲ ହେଲେ । ଯଦିଓ ଆଦିବାସୀଗ୍ରାମଗୁଡିକରେ ଆଳୁ ବ୍ୟବହାର ବହୁତ କମ୍, ବର୍ଷ ବର୍ଷ ଧରି ଅଧିକ ଆୟ ପାଇଁ ସେମାନେ ଆଳୁ ଚାଷ ପାଇଁ ବହୁତ ଆଗ୍ରହୀ । ଅମଳ ପରେ ସ୍ଥାନୀୟ ଚାଷୀମାନେ ନିଜ ବ୍ୟବହାର ପାଇଁ କିଛି ଆଳୁ ରଖି ଦୁଇ ମାସ ମଧ୍ୟରେ ସମସ୍ତ ଆଳୁ ବିକ୍ରି କରିଦିଅନ୍ତି ଓ ଏହି ସମୟରେ ଆଳୁର ଦର ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ।





ଆଳୁ କ୍ଲଷ୍ଟର ଗଠିତ ହେବା ପରେ ଭିଏସଏସ ଓ ଏସଏଚଜି ସଭ୍ୟମାନଙ୍କୁ ସଚେତନ କରାଇ ଏବଂ ସଙ୍ଗଠିତ କରାଇ ସେମାନଙ୍କ ଉତ୍ପାଦ ଗଚ୍ଛିତ କରିବାକୁ ତଥା ମିଳିତଭାବେ ବିକ୍ରି କରିବାକୁ ନିୟମିତ ବୈଠକ କରାଗଲା । ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଇବାକୁ ଗ୍ରାମ୍ୟ ବନ ସହାୟକ, ଭିଏସଏସ ସଭାପତି ଓ ୟୁଏଲସିଏମ ନିୟମିତଭାବେ ବଜାରରୁ ତଥ୍ୟ ସଂଗ୍ରହ କରିବାରେ ଲାଗିଲେ । ବଜାର ଦର ଉପରେ ଜ୍ଞାନ ଆହରଣ କରିବାକୁ କ୍ଲଷ୍ଟର ସଭ୍ୟମାନଙ୍କୁ ବଜାରକୁ ଶିକ୍ଷା ପରିଭ୍ରମଣରେ ନିଆଗଲା ।

ବଡ, ମଧ୍ୟମ ଓ ଛୋଟ ଏପ୍ରକାର ତିନି ଆକାରର ୨୩୮ କୁଇଣ୍ଟାଲ ଆଳୁ ଏସଏଚଜିଗୁଡିକ କିଣିଲେ । ମଧ୍ୟମ ଓ ଛୋଟ ଆକାରର ଆଳୁ ଯଥାକ୍ରମେ ୬ ଓ ୪ ଟଙ୍କାରେ କିଣାଗଲା । ଏଥିରେ ମୋଟ ୧,୩୦,୨୫୦ ଟଙ୍କା ଖର୍ଚ୍ଚ ହେଲା । ବିଭିନ୍ନ ତାରିଖରେ ଆଳୁ ବିକ୍ରି କରାଗଲା (ଟେବୁଲ ଦେଖନ୍ତୁ) । ପ୍ଲାଷ୍ଟିକ୍ ନେଟ୍ ବସ୍ତା କିଣାଗଲା, ପରିବହନ ଓ ଶ୍ରମବାବଦ ଖର୍ଚ୍ଚ ଆଦି କରାଗଲା । ସେମାନେ ୨୩୭ କୁଇଣ୍ଟାଲ ଆଳୁ ବିକିବାକୁ ସକ୍ଷମ ହେଲେ । ଏହିପରିଭାବେ ସେମାନେ ୪୫,୯୦୫ ଟଙ୍କା ଲାଭ ପାଇଲେ । ଏହି ଲାଭ ସେମାନଙ୍କୁ ଏହି ବ୍ୟବସାୟ ନିର୍ଦ୍ଦିଷ୍ଟଭାବେ ଓ ନିୟମିତଭାବେ କରିବାକୁ ପ୍ରେରଣା ଦେଇଛି ।

| କାର୍ଯ୍ୟକ୍ରମ | ତାରିଖ | ବଡ | | | ମଧ୍ୟମ | | | ଛୋଟ | | | ମୋଟ | |
|---|---|---|---|---|---|---|---|---|---|---|---|---|
| | | ପରିମାଣ | ମୂଲ୍ୟ | ମୋଟ | ପରିମାଣ | ମୂଲ୍ୟ | ମୋଟ | ପରିମାଣ | ମୂଲ୍ୟ | ମୋଟ | ପରିମାଣ | ମୂଲ୍ୟ |
| ୧ | ୨୫.୨.୨୦୧୧ | ୫୩.୦୦ | ୭.୫ | ୩୯୭୫୦ | | | | | | | ୫୩.୦୦ | ୩୯୭୫୦ |
| ୨ | ୨୭.୪.୨୦୧୧ | ୬୨.୦୦ | ୮.୫ | ୫୨୭୦୦ | ୪୦.୭୦ | ୭.୫ | ୩୦୫୨୫ | ୧୪.୩୦ | ୬ | ୮୭୦୦ | ୧୧୭.୦୦ | ୯୧୯୨୫ |
| ୩ | ୨୬.୫.୨୦୧୧ | ୨୯.୦୦ | ୮.୫ | ୨୪୬୫୦ | ୨୧.୦୦ | ୭.୫ | ୧୫୭୫୦ | ୧୭.୦୦ | ୬.୫ | ୧୧୦୫୦ | ୬୭.୦୦ | ୫୧୪୫୦ |
| | | ୧୪୪.୦୦ | | ୧୧୭୧୦୦ | ୬୧.୭୦ | | ୪୬୨୭୫ | ୩୧.୩୦ | | ୧୯୭୫୦ | ୨୩୭.୦୦ | ୧୮୩୧୨୫ |

**ହନିଫ ମହମ୍ମଦ**
ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ବାଲିଗୁଡା

# ଏସଏଚଜି ଦ୍ୱାରା ପରିବା ଚାଷ

ଫୁଲବାଣୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅଧୀନରେ ଥିବା ଫିରିଙ୍ଗିଆ କ୍ଷେତ୍ର ପରିଚାଳନା କେନ୍ଦ୍ରର କମଣକମା ଭିଏସଏସରେ ପରିବା ଚାଷ ପାଇଁ ଭଲ ଚିନ୍ତାଧାରା ରହିଛି । କେତେକ ଏସଏଚଜି ସଭ୍ୟ ନିଜ ଉଦ୍ୟମରେ ନିଜ ନିଜ ବାଡିରେ ପରିବା ଚାଷ କରନ୍ତି । କିନ୍ତୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହାୟକ ସଂସ୍ଥା (ଆଇଜିଏଏସଏ) ମାର୍ଟ ସେମାନଙ୍କୁ ମିଳିତଭାବେ ଚାଷ କରିବାକୁ ବାଟ ଦେଖାଇଲା । ପରିବାକୁ ମିଳିତଭାବେ ବିକ୍ରି କରିବା ଦ୍ୱାରା ମଧ୍ୟ ସେମାନଙ୍କ ଆୟ ବହୁ ପରିମାଣରେ ବୃଦ୍ଧିପାଇଲା ।

କମଣକମା ଭିଏସଏସରେ ୧୫ ଜଣ ସଭ୍ୟଙ୍କୁ ନେଇ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଗଷ୍ଟ ୨୦୦୭ରେ ଗଠିତ ହୋଇଥିଲା । କେବଳ ସଞ୍ଚୟ ଅଭ୍ୟାସ ଓ ଟଙ୍କା ଧାର ଦେବା ବ୍ୟତୀତ ଏସଏଚଜିର ଅନ୍ୟ କୌଣସି କାର୍ଯ୍ୟକଳାପ ନ ଥିଲା । ଯେହେତୁ ସେମାନଙ୍କର ଋତୁଭିତ୍ତିକ ପରିବା ଚାଷ ପାଇଁ ପ୍ରବଳ ଇଚ୍ଛା ଥିଲା, ଆଇଜିଏଏସଏ ଦଳ ପରିବା ବ୍ୟବସାୟ ପାଇଁ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କଲା ଓ ଏସଏଚଜି ତୁରନ୍ତ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଦେଲା । ଭିଏସଏସ ଏହି ଗୋଷ୍ଠୀକୁ ୩୦,୦୦୦ ଟଙ୍କା ଋଣ ମଞ୍ଜୁର କରିଥିବାବେଳେ ଗୋଷ୍ଠୀ ନିଜ ସଞ୍ଚୟରୁ ୩୯,୦୦୦ ଟଙ୍କା ଖଟାଇଲା । ଦୁଇ ଏକର ଜମିରେ ଅତି ଆଧୁନିକ ଜ୍ଞାନକୌଶଳ ଯଥା ସିଞ୍ଚନ ବ୍ୟବସ୍ଥା, ସାର ଓ ଭିଏସଏସରୁ ଡିଜେଲ ପମ୍ପ୍ ଭଡାରେ ବ୍ୟବହାର କରି ଏସଏଚଜି କୋବି ଚାଷ ଆରମ୍ଭ କଲା । ସଠିକ୍ ଜଳ ପରିଚାଳନା ମଧ୍ୟ କଲା । ପ୍ରଥମ ଅମଳରେ ଗୋଷ୍ଠୀ ନିଜ ଗାଁରୁ ନୟାଗଡ ଓ ବ୍ରହ୍ମପୁରର ବେପାରୀଙ୍କୁ ଦୁଇ ଟ୍ରକ ଭର୍ତ୍ତି କୋବି ବିକ୍ରି କଲା । ଦ୍ୱିତୀୟ ଓ ତୃତୀୟ ଦଫା ଅମଳରେ ଗୋଷ୍ଠୀ ଆନ୍ତଃଜିଲ୍ଲା ଯଥା ଫୁଲବାଣୀ, ଶରଣଗଡ ଓ ଖଜୁରିଆପଡା ବେପାରୀଙ୍କୁ କୋବି ବିକ୍ରି କଲା । ପ୍ରଥମ ଦଫାରେ ହାରାହାରି ଦେଢ କେ.ଜି ଓଜନର କୋବି କେଜି ପ୍ରତି ୧୦ ଟଙ୍କା ଦରରେ ୬୦୦୦୦ଟି କୋବି ବିକ୍ରି କରି ଗୋଷ୍ଠୀ ୯୦,୦୦୦ ଟଙ୍କା ଆୟ କରିଥିଲା । ଦ୍ୱିତୀୟ ଓ ତୃତୀୟ ଦଫାରେ ଗୋଷ୍ଠୀ ୬୭,୦୦୦ ଟଙ୍କା ଆୟ କରିଥିଲା ଓ ଏଥିରେ ହାରାହାରି କେଜି ପ୍ରତି ମୂଲ୍ୟ ୬-୭ ଟଙ୍କା ଥିଲା । ଋତୁ ଶେଷରେ ଏସଏଚଜି ୮୭,୨୫୦ ଟଙ୍କା ଲାଭ ପାଇଲା, ତାହା ପୁଣି ୩୦,୦୦୦ ଟଙ୍କା ଋଣ ଓ ରାଜି ହୋଇଥିବା ସୁଧ ୭୫୦ ଟଙ୍କା ପରିଶୋଧ ପରେ । କୋବି ସ୍ଥାନୀୟ ବଜାରରେ ତଥା ଅନ୍ୟ ବେପାରୀଙ୍କୁ ବିକ୍ରି କରିବାରେ ଗ୍ରାମ୍ୟ ବନ ସହାୟକ ଏହି ଗୋଷ୍ଠୀକୁ ସହାୟତା କରିଥିଲେ । ଏତେ ଭଲ ଲାଭ ପାଇବା ପରେ ଗୋଷ୍ଠୀ ଋତୁଭିତ୍ତିକ ପରିବା ଚାଷ କରିବା ପାଇଁ ଅଧିକ ଉତ୍ସାହୀ ହୋଇପଡିଛି ।



**ସଞ୍ଜୀବ କୁମାର ମିଶ୍ର**
ୟୁଏଲସିଏମ, ଫିରିଙ୍ଗିଆ

# ଓଏଫଏସଡିପି ଦ୍ୱାରା ଆୟୋଜିତ ତାଲିମ ଓ ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ

ଦକ୍ଷତା ବୃଦ୍ଧି ଓଏଫଏସଡିପିର ଏକ ପ୍ରମୁଖ ଲକ୍ଷ୍ୟ। ବିଭିନ୍ନ ସମୟରେ ପ୍ରକଳ୍ପ ବିଭିନ୍ନ ଅଂଶୀଦାରମାନଙ୍କ ପାଇଁ ଆବଶ୍ୟକ ତାଲିମ ଓ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ତିନି ମାସ ମଧ୍ୟରେ ନିମ୍ନଲିଖିତ ତାଲିମ / ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମଗୁଡିକ ଆୟୋଜନ କରାଯାଇଥିଲା।

୧. କ୍ଲିନ୍ ଡେଭେଲପମେଣ୍ଟ ମେକାନିଜମ୍ ଉପରେ ଅଧିକ ଜ୍ଞାନ ଆହରଣ ଓ ନୂତନ ପ୍ରକଳ୍ପ ପ୍ରସ୍ତୁତିରେ ତାହାର ଗୁରୁତ୍ୱ, ଅଙ୍ଗାର ଅମ୍ଳ ବ୍ୟବସାୟ ପାଇଁ ମୁଖ୍ୟ ଅଞ୍ଚଳ ଚିହ୍ନଟ କରିବା, ସିଡିଏମ-ପିଓଏ ପ୍ରକଳ୍ପ ପ୍ରସ୍ତାବ ଏବଂ ନୂତନ ମତ ପ୍ରଚାର କରିବା ପାଇଁ ପ୍ରକଳ୍ପ ଶ୍ରୀ ଅଜିତ ଭରତୁଆର, ଭା.ବ.ସେ., ଆରସିସିଏଫ, ବାରିପଦାଙ୍କୁ ୨୬ରୁ ୩୦ ଏପ୍ରିଲ ଯାଏଁ ସେଣ୍ଟର ଫର କ୍ଲାଇମେଟ୍ ଚେଞ୍ଜ, ଇଞ୍ଜିନିୟରିଂ ଷ୍ଟାଫ କଲେଜ ଅଫ ଇଣ୍ଡିଆ, ହାଇଦରାବାଦକୁ "କ୍ୟୋଟୋ ପ୍ରୋଟୋକଲ, କ୍ଲିନ୍ ଡେଭେଲପମେଣ୍ଟ ମେକାନିଜ୍ମ (ସିଡିଏମ)ଏବଂ ପ୍ରୋଗ୍ରାମ ଆଣ୍ଡ ଆକ୍ଟିଭିଟିଜ୍ (ସିଡିଏମ-ପିଓଏ) ଫର ମଲ୍ଟିପଲ୍ ସିଡିଏମ ପ୍ରୋଜେକ୍ଟସ୍"ରେ ତାଲିମ ପାଇଁ ପଠାଯାଇଥିଲା।

୨. ବିଭିନ୍ନ ପ୍ରଜାତିର ଚାରା ଉପରେ ହୋଇଥିବା ଆବିଷ୍କାର, ଅଭିଜ୍ଞତା ଓ ଜ୍ଞାନର ଆଦାନ ପ୍ରଦାନ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ୫ ଓ ୬ ମଇ ୨୦୧୧ରେ କୋରାପୁଟଠାରେ ଆୟୋଜନ କରାଯାଇଥିଲା। ପ୍ରକଳ୍ପ ଅନ୍ତର୍ଗତ ବନ ସଂରକ୍ଷଣ ସମିତିଗୁଡିକରେ ଚାଷୀ ସମ୍ପ୍ରଦାୟ ବଡ ଆକାରରେ ଚାରା ରୋପଣ କରି ତାର ଲାଭ ଇଠାଇବା ଉଦ୍ଦେଶ୍ୟରେ ଏହାର ଆୟୋଜନ କରାଯାଇଥିଲା। ମହାରାଷ୍ଟ୍ରର ଶ୍ରୀ ସୁବାସ ବାଲକୃଷ୍ଣ ବାଦଭେ ଏହି ତାଲିମ ପ୍ରଦାନ କରିଥିବାବେଳେ ଏଥିରେ ଜୟପୁର, ରାୟଗଡା ଓ କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ରର ବନାଞ୍ଚଳ ଅଧିକାରୀ, ବନ ସମ୍ପ୍ରସାରଣ ଅଧିକାରୀ, ବନପାଳ ଏବଂ ଗ୍ରାମ୍ୟ ବନ ସହାୟକ ପ୍ରମୁଖ ୩୦ ଜଣ ଯୋଗଦେଇଥିଲେ।





୩. ଅଧିକାରୀମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଓ ଦୁର୍ବଳତା ଚିହ୍ନଟ କରିବା ତଥା ଯଦି ମନୋବଳ ଓ ଦକ୍ଷତାରେ ଅବନତି ଘଟିଛି ତାହା ବୁଝିବା ଓ ଯଦି ତାହା ଘଟିଛି ତାହାର କାରଣ ଅନୁଧ୍ୟାନ କରିବା ଏବଂ ବୈଜ୍ଞାନିକ ପଦ୍ଧତିରେ ତାହାର ମୁକାବିଲା କରିବା ଲକ୍ଷ୍ୟରେ "ଏକ୍ସଟେମ୍ପୋର ରୋଲ୍ ଲିଡରସିପ୍ ଲାବ୍ ଫର ଓଡିଶା ଫରେଷ୍ଟ ଅଫିସର୍ସ" ନାମକ ଏକ ତାଲିମ କାର୍ଯ୍ୟକ୍ରମ ପ୍ରକଳ୍ପ ପରିଚାଳନା କେନ୍ଦ୍ର, ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ସିକ୍ସ୍‌ଥ୍ ସେନ୍ସ, ବେଙ୍ଗାଲୁରୁ ଦ୍ୱାରା ଦୁଇଟି ଦଫାରେ ୧୮-୧୯ ଓ ୨୦-୨୧ ମଇ ୨୦୧୧ରେ ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ମୁଖ୍ୟ ବନ ସଂରକ୍ଷକ, ବନ ସଂରକ୍ଷକ, ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ ଏବଂ ବନାଞ୍ଚଳ ଅଧିକାରୀ ଏହିପରି ମୋଟ ୫୩ଜଣ ଯୋଗ ଦେଇଥିଲେ।





୪. ବାଉଁଶ ହସ୍ତଶିଳ୍ପୀ / ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ମଧ୍ୟରେ ତଥା ଦକ୍ଷତା ବୃଦ୍ଧି ଓ ଆୟକାରୀ କାର୍ଯ୍ୟକଳାପ ସୃଷ୍ଟି ନେଇ ବାଉଁଶ ସାମଗ୍ରୀ ପ୍ରସ୍ତୁତିରେ କାରିଗରୀ କୌଶଳ ବୃଦ୍ଧି ଉପରେ ପ୍ରକଳ୍ପ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। "ଇଣ୍ଟରଆକ୍ଟିଭ୍ ଟ୍ରେନିଂ କମ୍ ଏକ୍ସପୋଜର ଅନ୍ ଇନୋଭେସନ୍ ଇନ୍ ବାମ୍ବୁ ୟୁଟିଲାଇଜେସନ୍" ଶୀର୍ଷକ ଏହି ତାଲିମ ପୁଣେ ସ୍ଥିତ ଶ୍ରୀ ଭାର୍ଗବ ଫାଇବର୍ସରେ ଅନୁଷ୍ଠିତ ହୋଇଥିଲା।





ଦେବଗଡ ଓ ପାରଳାଖେମୁଣ୍ଡି ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଭିଏସଏସ ଓ ଏସଏଚଜିରୁ ୧୦ଜଣ, ଉପ ପ୍ରକଳ୍ପ ନିର୍ଦ୍ଦେଶକ(ଏଲଏଲଆଇ) ଏ.ଆର. ପରିଡାଙ୍କ ନେତୃତ୍ୱରେ ୪ ଓ ୫ ଜୁନ୍ ୨୦୧୧ ଯାଏଁ ଦୁଇଦିନ ପାଇଁ ଏଥିରେ ଅଂଶଗ୍ରହଣ କରିଥିଲେ। ବାଉଁଶରେ ବିଭିନ୍ନ କାରିଗରୀ କୌଶଳ ଯଥା ଅଗରବତୀ (ଧୂପକାଠି) ପ୍ରସ୍ତୁତି, ବାଉଁଶରେ ପ୍ରସ୍ତୁତ ଘର ପାଇଁ ଛାତ ଓ କାନ୍ଥ ତିଆରି, ବାଉଁଶ ତିଆରି ପୋଲ, ବିଭିନ୍ନ ବାଉଁଶ ତିଆରି ହସ୍ତଶିଳ୍ପ ଓ ବାଉଁଶ ପଟା (ପ୍ଲାଏଉଡ୍) ପ୍ରଭୃତି ସେମାନେ ଶିଖିଥିଲେ। ଦୁଇଟି ଅଗରବତୀ ପ୍ରସ୍ତୁତି ପାଇଁ ଯନ୍ତ୍ର କିଣାଯାଇଛି ଓ ସମ୍ପୃକ୍ତ ଏସଏଚଜି ଦ୍ୱାରା ତାହା ପ୍ରଦର୍ଶନ ପାଇଁ ବ୍ୟବହାର କରାଯାଉଛି।

୫. ପତିତ ହେନ୍ତାଳ ବଣର ପୁନରୁଦ୍ଧାର ନିମନ୍ତେ ଥିବା କୌଶଳ ଅନୁଧ୍ୟାନ କରିବା, ଯୁଗ୍ମ ବନ ପରିଚାଳନା ପ୍ରକ୍ରିୟା ଓ ବିକଳ୍ପ ଜୀବିକା ନିର୍ବାହ ପାଇଁ ସମନ୍ୱିତ ହେନ୍ତାଳ ମାଛ ଚାଷ ବ୍ୟବସ୍ଥା ଉପରେ ଏକ ତାଲିମ ତଥା ଶିକ୍ଷା ପରିଭ୍ରମଣ "ମ୍ୟାନଗ୍ରୁଭ୍ ଫରେଷ୍ଟ କନଜରଭେସନ ଆଣ୍ଡ ମ୍ୟାନେଜ୍ମେଣ୍ଟ" ପିଚାଭରମ, ଚେନାଇଠାରେ ୬ରୁ୧୦ ଜୁନ୍ ୨୦୧୧ ଯାଏଁ ଆୟୋଜନ କରାଯାଇଥିଲା। ଶ୍ରୀ ଏମ. ଆର ଭଟ୍ଟ, ଉପ ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀ କେ.ସି ସାମନ୍ତରାୟ, ଉପ ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀ କେ.କେ. ସ୍ୱାଇଁ, ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା, କେନ୍ଦ୍ର ମୁଖ୍ୟ ବାଲେଶ୍ୱର (ବନ୍ୟପ୍ରାଣୀ), ଶ୍ରୀ ବସନ୍ତ କୁମାର ବାରିକ, ବନାଞ୍ଚଳ ଅଧିକାରୀ, ଚାନ୍ଦବାଲି (ବନ୍ୟପ୍ରାଣୀ) ବନାଞ୍ଚଳ, ଶ୍ରୀ ପି.ସି ଦାସ, ବନାଞ୍ଚଳ ଅଧିକାରୀ, ଜଳେଶ୍ୱର (ବନ୍ୟପ୍ରାଣୀ) ବନାଞ୍ଚଳ, ଶ୍ରୀ ଘନଶ୍ୟାମ ବାରିକ, ବନପାଳ, ଭଦ୍ରକ (ବନ୍ୟପ୍ରାଣୀ) ବନଖଣ୍ଡ ଏହି ତାଲିମରେ ଭାଗ ନେଇଥିଲେ।





୬. ଜଙ୍ଗଲ ଓ ବନ୍ୟପ୍ରାଣୀ ପରିଚାଳନାର ବିଭିନ୍ନ ଦିଗ, ସମ୍ପୃକ୍ତ ଅଞ୍ଚଳର ଗୋଷ୍ଠୀ ସହ ସଂରକ୍ଷିତ ଅଞ୍ଚଳ ଓ ଜୈବ ବିବିଧତା ପରିଚାଳନା, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା ପାଇଁ ପଦକ୍ଷେପ, ପରିବେଶ ପର୍ଯ୍ୟଟନ ଓ ତାର ଗଠନ ତଥା ପରିଚାଳନା ଓ ନୀତି ନିୟମ ଆଦି ଉପରେ ବରିଷ୍ଠ ବନ ଅଧିକାରୀମାନଙ୍କୁ ବ୍ୟାବହାରିକ ଜ୍ଞାନ ସୁଯୋଗ ପ୍ରଦାନର ଏକ ସାମଗ୍ରିକ ଲକ୍ଷ୍ୟ ନେଇ ଏକ ଦରିଆପାରି ଶିକ୍ଷା ପରିଭ୍ରମଣ ଅଷ୍ଟ୍ରେଲିଆରେ ୫ ରୁ ୧୬ ଜୁନ୍ ୨୦୧୧ ଯାଏଁ ଆୟୋଜିତ ହୋଇଥିଲା। ଶ୍ରୀ ରବି ନାରାୟଣ ସେନାପତି, ଭା.ପ୍ର.ସେ., କୃଷି ଉତ୍ପାଦନ କମିଶନର, ଶ୍ରୀ ବିନୋଦକୁମାର, ଭା.ବ.ସେ., ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀ ଅଜିତ ଭରତୁଆର, ଭା.ବ.ସେ, ଆରସିସିଏଫ, ବାରିପଦା, ଶ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ଭା.ବ.ସେ., ଆରସିସିଏଫ ରାଉରକେଲା, ଶ୍ରୀ ଆର୍ମୁଗମ୍ ପେରିଆସାମି, ଭା.ବ.ସେ., ବନଖଣ୍ଡ ଅଧିକାରୀ କୋରାପୁଟ, ଶ୍ରୀ ହନିଫ ମହମ୍ମଦ, ଓ.ବ.ସେ. ବନଖଣ୍ଡ ଅଧିକାରୀ ବାଲିଗୁଡା ପ୍ରମୁଖ ଏହି ଶିକ୍ଷା ପରିଭ୍ରମଣରେ ଭାଗ ନେଇଥିଲେ।









# ହେ ଭାଇନା ଟିକେ ବଣକୁ ଅନା


ହେ ଭାଇନା ଟିକେ ବଣକୁ ଅନା,
ଗଛ ସବୁ ନିତି ଚାଲିଛି ହଣା ।
ଗଛ କଟା ଦେଖି ଭାଇନା କୁହ,
କେମିତି ତୁମର ସହୁଛି ଦେହ ।
ହେ ଭାଇନା ଟିକେ ଗଛକୁ ଅନା,
ଗଛ ଡ଼ାଳପତ୍ର ମୋଟେ ଭାଙ୍ଗନା ।
ଗଛ ଦିଏ ପରା ହେ ଅମ୍ଲଜାନ,
ଫଳଫୁଲ ଛାଇ କରଇ ଦାନ ।
ହେ ଭାଇନା ଟିକେ ବାଟକୁ ଅନା,
ବାଟ କେତେ ଗଛ ନାହିଁତ ଜମା ।
ଧୂପୁଧୂପୁ ଖରା ପଡ଼ିଛି ବାଟ,
ବାଟୋଇ ବିଚରା ହୁଏ ଛଟପଟ ।
ହେ ଭାଇନା ଚାରିଆଡ଼କୁ ଅନା,
ବନଜଙ୍ଗଲ ସବୁ ପଦା ବର୍ଷା ହୁଏନା ।
ହେ ଭାଇନା ମୋତେ କରନା ମନା,
ଦେଖ ଆସିଲାଣି ଓ.ଏଫ୍.ଏସ୍.ଡି.ପି. ବାନା ।
ନିତି ନୂଆଁ ଗଛ ଲଗାଇ ଚାଲ,
ଗଢିଉଠୁ ନୂଆଁ ନୂଆଁ ଜଙ୍ଗଲ ।

ବିଜୟ କୁମାର ପ୍ରଧାନ
ବନପାଳ, ବଣାଇଁ ରେଞ୍ଜ

## ବଦଳି / ନିଯୁକ୍ତି

ଆର. ରଘୁପ୍ରସାଦ, ଭା.ବ.ସେ., ବନ ସଂରକ୍ଷକ ପଦବୀକୁ ପଦୋନ୍ନତି ପାଇ ଓଏଫଏସଡିପି ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକଭାବେ ୮.୭.୨୦୧୧ରେ ଯୋଗଦାନ କରିଛନ୍ତି ।




OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ**

ଏସଏଫଟିଆରଆଇ ପରିସର ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୬୦୧୬, ଫ୍ୟାକ୍ସ : ୦୬୭୪–୨୩୮୬୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ
ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ୍), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

**ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ**

ଫୋନ : ୦୬୭୪–୨୫୪୪୨୦୯, E-mail : jyotigraphics@gmail.com